# ଏସିଆ ଅର୍ଥନୈତିକ ବାର୍ତ୍ତାଳାପ 2025

ଫେବୃୟାରୀ 19, 2025

ଏସିଆ ଅର୍ଥନୈତିକ ବାର୍ତ୍ତାଳାପ (AED) ହେଉଛି ଜିଓ-ଇକୋନୋମିକ୍ସ ଉପରେ ପୁଣେ ଇଣ୍ଟରନେଶନାଲ ସେଣ୍ଟର ସହଯୋଗରେ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ବାର୍ଷିକ ଫ୍ଲାଗଶିପ୍ 'ଟ୍ରାକ୍ 1.5 ଡାଇଲଗ୍'।

2. ଏହି ବାର୍ତ୍ତାଳାପର 9ତମ ଅଧିବେଶନ ମହାରାଷ୍ଟ୍ରର ପୁଣେରେ 20-22 ଫେବୃୟାରୀ 2025 ରେ ଆୟୋଜନ କରାଯାଉଛି। ବାର୍ତ୍ତାଳାପର ବର୍ତ୍ତମାନର ଅଧିବେଶନର ବିଷୟବସ୍ତୁ ହେଉଛି "ବିଖଣ୍ଡନର ଯୁଗରେ ଅର୍ଥନୈତିକ ନମନୀୟତା ଏବଂ ପୁନରୁତ୍ଥାନ"। ଏହି ବାର୍ତ୍ତାଳାପରେ ଭୂ-ଅର୍ଥନୀତିର ପ୍ରମୁଖ ସମସାମୟିକ ବିଷୟଗୁଡ଼ିକ ବାବଦରେ ଆଲୋଚନା କରାଯିବ, ଯେଉଁଥିରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (AI) ଏବଂ ଅଟୋମେସନ୍, ସାଇବର ସୁରକ୍ଷାର ଆର୍ଥିକ ଆବଶ୍ୟକତା, ଭାରତ ମହାସାଗର କ୍ଷେତ୍ରରେ ନୀଳ ଅର୍ଥବ୍ୟବସ୍ଥାର ଦିଗ, ଆନ୍ତର୍ଜାତୀୟ ମୁଦ୍ରା ବ୍ୟବସ୍ଥାର ସମସ୍ୟା ଓ ସମ୍ଭାବନା, ଅଣୁ, ଲଘୁ ଓ ମଧ୍ୟମ ଉଦ୍ୟୋଗ (MSME)ର କ୍ଷମତା ପ୍ରକଟ ଏବଂ ବିଶ୍ୱ ଅର୍ଥବ୍ୟବସ୍ଥା ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ବିଷୟଗୁଡ଼ିକ ଅନ୍ତର୍ଭୁକ୍ତ ରହିଛି। ଆହୁରି ମଧ୍ୟ ଏହି ବାର୍ତ୍ତାଳାପ ମାଧ୍ୟମରେ ଅର୍ଥନୈତିକ ବିଖଣ୍ଡନର ଜଟିଳତାକୁ ଦୂର କରିବା ଏବଂ ନମନୀୟତା ଓ ପୁନରୁତ୍ଥାନ ପାଇଁ କାର୍ଯ୍ୟକ୍ଷମ ମାର୍ଗଗୁଡ଼ିକୁ ଚିହ୍ନଟ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

3. AED 2025 ଭାରତ ଓ ବିଦେଶର ଅନେକ ରାଜନୈତିକ ନେତୃବୃନ୍ଦ ଓ ବରିଷ୍ଠ ସରକାରୀ ଅଧିକାରୀ, ଶିକ୍ଷାବିତ୍, ନୀତି ନିର୍ଦ୍ଧାରକ ଓ ଶିଳ୍ପ ବିଶେଷଜ୍ଞମାନଙ୍କର ଏକ ବିବିଧ ଗୋଷ୍ଠୀକୁ ଏକ ଅଗ୍ରଗାମୀ ଏଜେଣ୍ଡା ସହିତ ବିଚାର ବିମର୍ଶ ପାଇଁ ଏକତ୍ରିତ କରିବ।

4. AED - 2025 ବାବଦରେ ଅଧିକ ସୂଚନା ପାଇଁ, ଦୟାକରି ଭିଜିଟ୍ କରନ୍ତୁ - https://aed.puneinternationalcentre.org

ନୂଆଦିଲ୍ଲୀ

ଫେବୃୟାରୀ 19, 2025